# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



## ଦାଉଦ ରାଜା (ପ୍ରଥମ ଭାଗ)

ଲେଖକ: Edward Hughes
ଦୃଷ୍ଟାନ୍ତ: Lazarus
ଉପଯୋଜକ: Ruth Klassen
ଅନୁବାଦକ: Prasanta Bhuyan
ପ୍ରଯ୍ୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2015 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯିବା ଦାଉଦ ନିଜ ଜୀବନ ନିମନ୍ତେ ଦୌଡ଼ିଲେ । ରାଜା ଶାଉଲ ତାଙ୍କୁ ବଧ କରିବାକୁ ଚାହୁଁଥିଲେ । ଦାଉଦ ମରୁଅଞ୍ଚଳରେ ବାସ କଲେ, ଭୟଙ୍କର ଗୁମ୍ଫାରେ ନିଜର ଚାରିଶହ ସହୋଚର ମାନଙ୍କ ସହିତ ରହିଲେ । ବେଳେ ବେଳେ, ରାଜା ଶାଉଲଙ୍କ ସୌନ୍ୟମାନେ ତାଙ୍କର ଅତି ନିକଟରେ ପେହଞ୍ଚିଲେ ।

କିନ୍ତୁ ଦାଉଦ ଆଗକୁ ବଢ଼ି ଚାଲିଲେ ।



ଶାଉଲଙ୍କ ସେବକ, ଦୀଅଗ, ଶାଉଲଙ୍କୁ କହିଲେ ଯାଜକମାନେ ଦାଉଦଙ୍କୁ ଖସି ପଲାଇଯିବାକୁ ସାହାଯ୍ୟ କରିଛନ୍ତି । ଶାଉଲ ସେମାନଙ୍କୁ ବଧ କରିବାକୁ ଆଦେଶ କଲେ । କେବଳ ଦୀଅଗ ଏହା କରିବାକୁ ଇଛା କରୁଥିଲେ । ସେ ପଞ୍ଚାଅଶି ଯାଜକ ଓ ସମସ୍ତ ପରିବାରକୁ ନିର୍ମମ ଭାବରେ ତାଙ୍କର ଖଣ୍ଡାଦ୍ୱାରା ହତ୍ୟା କଲେ । ଏହା ଅତ୍ୟଧିକ ଦୁଷ୍ଟତା ଥିଲା ।





ଦିନକର ଘଟଣା, ଶାଉଲ
ଦାଉଦଙ୍କୁ ଖୋଜିବା ସମୟରେ
ରାତ୍ରୀଯାପନ କରିବା ନିମନ୍ତେ ଏକ
ଗୁମ୍ଫା ଭିତରକୁ ଗଲେ ଯେଉଁଠାରେ
ଦାଉଦ ନିଜ ସାଥିମାନଙ୍କ ସହିତ
ଲୁଚି଼ଥିଲେ । ସେହିସମୟରେ
ଶାଉଲ ଏକଲା ଥିଲେ ।



ସେହି ଗୁମ୍ଫାରେ, ଦାଉଦ ସହଜରେ ଶାଉଲଙ୍କୁ ବଧ କରି ପାରିଥାନ୍ତେ । ମାତ୍ର ତାହା ବଦଳରେ, ସେ ଧିରସ୍ଥିର ଭାବରେ ଶାଉଲଙ୍କ ନିକଟରୁ ତାହାର ଗୋଟିଏ ତୀକ୍ଷ୍ଣ ବର୍ଛା ଓ ତାଙ୍କର ଖଣ୍ଡିଏ ବସ୍ତ୍ର କାଟିନେଲେ ।

ଯେତେବେଳେ ଶାଉଲ ଗଲେ, ଦାଉଦ ପଛରୁ ଡାକି କହିଲେ । ହେ ରାଜନ୍ ମୁଁ ତୁମ୍ଭର ବସ୍ତ୍ର କାଟିନେଲି, କିନ୍ତୁ ତୁମ୍ଭକୁ ବଧ କଲିନାହି । ଆପଣ ନିଜେ ଜ୍ଞାତ ହୁଅନ୍ତୁ ଯେ ତୁମ୍ଭ ଉପରେ ମୋହର କୌଣସି ମନ୍ଦଚିନ୍ତା କିମ୍ବା ମୋହର ହସ୍ତରେ କୌଣସି ବିଦ୍ରୋହ ନାହିଁ ।

ଶାଉଲ ଦାଉଦଙ୍କୁ କହିଲେ, ସେ ଦାଉଦଙ୍କ ବିରୁଦ୍ଧରେ ପାପ କରିବାରୁ ଦୁଃଖିତ ଅଟନ୍ତି । କିନ୍ତୁ, ପୁନର୍ବାର ସେ ଦାଉଦଙ୍କୁ ବଧ କରିବା ନିମନ୍ତେ ପ୍ରାୟ ତିନି ହଜାର ସୈନ୍ୟଦଳକୁ ପ୍ରେରଣକଲେ । ଏକ ରାତ୍ରୀରେ, ଯେତେବେଳେ ସୈନ୍ୟମାନେ ଶୋଇଯାଇଥିଲେ, ଦାଉଦ ଓ ଅବିଶାୟୀ, ତାଙ୍କ ସୈନ୍ୟମାନଙ୍କ ମଧ୍ୟରୁ ଜଣେ, ଲୁଚି ଶାଉଲଙ୍କ ଶିବିରକୁ ରାଜା ଶୋଇଥିବା ସ୍ଥାନକୁ ଗଲେ ।





ଏହିଦିନ ସଦପ୍ରଭୁ ତୁମ୍ଭର ଶତ୍ରୁ ଶାଉଲଙ୍କୁ ତୁମ୍ଭ ହସ୍ତରେ ସମର୍ପଣ କରିଅଛନ୍ତି, ଅବିଶାୟୀ  ଧୃର ଗଳାରେ କହିଲେ । ଦୟାକରି ମୋତେ ଅନୁମତି ପ୍ରଦାନ କରନ୍ତୁ ଯେପରି ମୁଁ ଏହି ବର୍ଚ୍ଛାଦ୍ୱାରା ତାହାକୁ ଥରେମାତ୍ର ଆଘାତ କରିବି, ଯେପରି ତାହା ଦ୍ୱତୀୟଥର କରିବାକୁ ନ ପଡ଼େ ।

ଦାଉଦ ଅସ୍ୱୀକାର କଲେ । ସେମାନେ ଶାଉଲଙ୍କ ବର୍ଚ୍ଛା ଓ ଜଳପାତ୍ର ସେଠାରୁ ନେଇଗଲେ । ସେ ଶିବିର ପରିତ୍ୟାଗ କଲେ । ଦାଉଦ ରାସ୍ତା ନିକଟରେ ଥିବା ପର୍ବତରୁ ଶାଉଲଙ୍କୁ ଶୁଣିବା ପର୍ଯ୍ୟନ୍ତ ଡାକିଲେ । ପୁଣିଥରେ ଶାଉଲ ଦେଖିଲେ ଯେ ଦାଉଦ ତାଙ୍କୁ ବଧ କରି ପାରିଥାନ୍ତେ, ମାତ୍ର ସେ ତାହା କରିନାହିଁ । ପୁଣିଥରେ ଶାଉଲ ଦାଉଦଙ୍କ ବିରୁଦ୍ଧରେ ପାପ କରିବା ହେତୁ ଦୁଃଖିତ ଅଟନ୍ତି । କିନ୍ତୁ ଦାଉଦ ଜାଣିଥିଲେ ଓ ଶାଉଲଙ୍କ ବାକ୍ୟ ଉପରେ ବିଶ୍ୱାସ କଲେନାହିଁ ।





ସେହି ସମୟ ମଧ୍ୟରେ ଶାମୁୟେଲ୍‌ଙ୍କର ମୃତୁ ହୋଇ ଯାଇଥିଲା । ଏ ସେହି ଭବିଷ୍ୟତବକ୍ତା ଯାହାଙ୍କୁ ସଦାପ୍ରଭୁ ପ୍ରଥମେ ଶାଉଲଙ୍କୁ ଅଭିଷେକ କରିବାକୁ କହିଥିଲେ, ତାହାପରେ ଦାଉଦ ଇସ୍ରାଏଲ୍ ଉପରେ ରାଜା ଭାବରେ ଅଭିଶିକ୍ତ କଲେ । ଯେତେବେଳେ ପଲେଷ୍ଟିୟମାନେ ଇସ୍ରାଏଲକୁ ଆକ୍ରମଣ କଲେ, ଶାଉଲ ଏକ ଭୟାନକ କାର୍ଯ୍ୟକଲେ, ଯାହା କରିବାକୁ ସଦାପ୍ରଭୁ ମନା କରିନ୍ତି ।

ସେ ଏକ ସ୍ତ୍ରୀକୁ ଆଜ୍ଞାକରି ଶାମୁୟେଲଙ୍କୁ ମୃତସ୍ଥାନରୁ ଡାକିଲେ, ସେହି ରାତ୍ରିରେ, ଶାଉଲ ସମ୍ବାଦ ପଇଲେ ।



... ସଦାପ୍ରଭୁ ତୁମ୍ଭକୁ ତ୍ୟାଗ କରିଅଛନ୍ତି ଓ ତୁମ୍ଭର ବିପକ୍ଷ ହୋଇଅଛନ୍ତି ... ସଦାପ୍ରଭୁ ତୁମ୍ଭହସ୍ତରୁ ରାଜତ୍ୱ ଟାଣି ଚିରିଅଛନ୍ତି ଓ ତୁମ୍ଭ ପ୍ରତିବାସି ଦାଉଦଙ୍କୁ ତାହା ଦେଇଅଛନ୍ତି । କାଲି ତୁମ୍ଭେ ଓ ତୁମ୍ଭ ପୁତ୍ରମାନେ ଆମ୍ଭ ସଂଙ୍ଗି ହେବ ।  ମଧ୍ୟ ସଦାପ୍ରଭୁ ଇସ୍ରାଏଲର ସୈନ୍ୟମାନଙ୍କୁ ପଲେଷ୍ଟିୟମାନଙ୍କ ହସ୍ତରେ ସମର୍ପଣ କରିବେ । ଯେତେବେଳେ ଶାଉଲ ତାହା ଶୁଣିଲେ ସେ ଭୟରେ ଲମ୍ବହୋଇ ତଳେ ପଡ଼ିଗଲେ ।



ପଲେଷ୍ଟୀୟମାନେ ଇସ୍ରାଏଲ୍ ବିରୁଦ୍ଧରେ ଯୁଦ୍ଧକଲେ,

ଇସ୍ରାଏଲୀୟ ସୈନ୍ୟମାନେ ପଲାୟନ କଲେ ।

ପଲେଷ୍ଟୀୟମାନେ ଯୋନାଥନ ଯେ ଦାଉଦଙ୍କର

ଉତ୍ତମ ବନ୍ଧୁ ଥିଲେ ତାଙ୍କ

ସମେତ ଶାଉଲଙ୍କର ସମସ୍ତ

ପୁତ୍ରମାନଙ୍କୁ ବଧକଲେ ।



ଶାଉଲ ତୀରଧାରି ମାନଙ୍କଠାରୁ ଅତ୍ୟଧିକ କ୍ଷତବକ୍ଷତ ହୋଇଥିଲେ । ସେ ତାଙ୍କର ଅସ୍ତ୍ରବାହକକୁ କହିଲେ, ତୁମ୍ଭର ଖଡ୍ଗ ବାହର କରି ତହିଁରେ ମୋତେ ଭୁଷି ପକାଅ, କେଜାଣି ଏହି ଅସୁନ୍ନତମାନେ ଆସି ମୋତେ ଭୁସି ପକାଇ କୌତୁକ କରିବେ । ମାତ୍ର ତାଙ୍କ ଅସ୍ତ୍ରବାହକ ତାହା କଲେ ନାହିଁ କାରଣ ସେ ଅତିଶୟ ଭୀତ ହେଲେ । ଏହେତୁ ଶାଉଲ ନିଜେ ଖଡ୍ଗନେଇ ତହିଁ ଉପରେ ପଡ଼ିଲେ ।





ଯେତେବେଳେ ପଲେଷ୍ଟିୟମାନେ ଶାଉଲ ଓ
ତାଙ୍କର ପୁତ୍ରମାନଙ୍କର ମୃତଦେହ
ପଡ଼ିଥିବାର ଦେଖିଲେ । ସେମାନେ
ସେମାନଙ୍କ ଶରିର ଗୁଡ଼ିକ ବୈଥଶାନ
ପ୍ରାଚିରରେ ଟାଙ୍ଗିଦେଲେ । କେତେକ
ବାହାଦୁର୍ ଇସ୍ରାଏଲୀୟ ଲୋକମାନେ
ସେମାନଙ୍କ ଶରିର ଗୁଡିକ ଉହ୍ଲାଇ
ନେଇଗଲେ ଓ ସେମାନଙ୍କ ଶରିରକୁ
ଦଗ୍ଧକଲେ ଓ ସେମାନଙ୍କର ଅସ୍ଥି ନେଇ
ଇସ୍ରାଏଲରେ ପୋତିଦେଲେ ।



ଯେତେବେଳେ ଦାଉଦ ସେହି ଦୁଃଖଦ
ସମ୍ବାଦ ପାଇଲେ, ସେ ଶାଉଲଙ୍କ
ନିମନ୍ତେ, ତାଙ୍କ ପୁତ୍ର ଯୋନାଥନ୍, ଓ
ସମସ୍ତ ଲୋକମାନଙ୍କ ନିମନ୍ତେ ସେ
ସଂନ୍ଧ୍ୟା ପର୍ଯ୍ୟନ୍ତ ଉପବାସ କରି
ରୋଦନ କଲେ, କାରଣ ଖଡ୍ଗଦ୍ୱାରା
ସେମାନଙ୍କର ହତ ହୋଇଥିଲେ ।

ଶାଉଲ ଦାଉଦଙ୍କୁ ବଧ କରିବାକୁ ପ୍ରୟାସ କରିଥିଲେ ମଧ୍ୟ, ଦାଉଦ ଶେଷ ପର୍ଯ୍ୟନ୍ତ ଶାଉଲଙ୍କୁ ସଦାପ୍ରଭୁଙ୍କ ଅଭିଷିକ୍ତ ଦାସରୂପେ ଆଦର କଲେ । ବର୍ତ୍ତମାନ୍ ସଦାପ୍ରଭୁ ଦାଉଦଙ୍କୁ ଆଦରରେ ଶାଉଲଙ୍କ ସ୍ଥାନରେ ରାଜାକରି ଉଥାପନ କରୁଛନ୍ତି ।



ଦାଉଦ ରାଜା (ପ୍ରଥମ ଭାଗ)

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ପ୍ରଥମ ଶାମୁୟେଲ ୨୪-୩୧, ଦ୍ୱିତୀୟ ଶାମୁୟେଲ ୧-୨

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଷ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬